# ମାନ୍ୟତା ଏବଂ ପ୍ରଭାବ

- ଭାରତ ସରକାର ଏବଂ ନୀତି ଆୟୋଗ, ଓଡିଶା ମିଲେଟ୍ସ ମିଶନକୁ ସର୍ବୋତ୍ତମ ମଡେଲ ଭାବରେ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ମଡେଲକୁ ଅଧ୍ୟୟନ କରି ଦେଶର ପୁଷ୍ଟିଶସ୍ୟର ପରିବର୍ତ୍ତିତ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବା ପାଇଁ ଏକ ଟାସ୍କଫୋର୍ସ ଗଠନ କରିଛନ୍ତି।
- ଏହି ମଡେଲ ଦ୍ୱାରା ଅନୁପ୍ରାଣିତ ହୋଇ ଛତିଶଗଡର ରାଜ୍ୟ ଯୋଜନା ଆୟୋଗ ଏବଂ ମହାରାଷ୍ଟ୍ରର ମାନ୍ୟବର ରାଜ୍ୟପାଳ ପୁଷ୍ଟିଶସ୍ୟ ଉପରେ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ଆଗ୍ରହି ଅଛନ୍ତି ।
- ICAR – IIMR ଓ ଭାରତ ସରକାର; ଓଡିଶା ସରକାରଙ୍କୁ ସର୍ବୋତ୍କୃଷ୍ଟ ପୁଷ୍ଟିଶସ୍ୟ ପୁନରୁଦ୍ଧାର କାର୍ଯ୍ୟକ୍ରମ "ଓଡିଶା ମିଲେଟ୍ସ ମିଶନ" ପାଇଁ ଦୁଇ ଥର "ପୋଷକ ଅନାଜ ପୁରସ୍କାର" ରେ ପୁରସ୍କୃତ କରିଛନ୍ତି ।
- କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ "ଓଡିଶା ମିଲେଟ୍ସ ମିଶନ" କୁ ସବୁଜ ବିପ୍ଳବ ଢାଞ୍ଚାର ବିକଳ୍ପ ଭାବରେ ମାନ୍ୟତା ଦେବା ଉଦ୍ଦେଶ୍ୟରେ ଏହାର ଭବିଷ୍ୟତ ର ସମ୍ଭାବନାକୁ ଅନୁସନ୍ଧାନ କରିବା ପାଇଁ ଯୋଜନା ସହ ଯୋଡି ହୋଇଛନ୍ତି ।
- UN-IFAD ଏବଂ UN-FAO ସଂଘ ସମୂହ "ଓଡିଶା ମିଲେଟ୍ସ ମିଶନ" ର ପରିବେଶ ଉପଯୋଗି କୃଷିପ୍ରଣାଳୀର ଢାଞ୍ଚାକୁ ସମର୍ଥନ କରୁଛନ୍ତି ।










# ପୁଷ୍ଟିଶସ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବ ଓଡିଶା




## ଆନ୍ତର୍ଜାତୀୟ ମିଲେଟ୍ ବର୍ଷର ରୂପରେଖ

- **ପୁଷ୍ଟିଶସ୍ୟ ଏବଂ କ୍ରୀଡା:** କ୍ରୀଡା ଏବଂ ଯୁବ ସେବା ବିଭାଗ ସହିତ ଓଡିଶା ମିଲେଟ୍ସ ମିସନର ସହବନ୍ଧନରେ କାର୍ଯ୍ୟରତ
- **ପୁଷ୍ଟିଶସ୍ୟ ଏବଂ ଜନଜାତି:** ଆଦିବାସୀ ଆହାର ସଂସ୍କୃତିରେ ପୁଷ୍ଟିଶସ୍ୟର ବ୍ୟବହାର ଶୈଳୀର ପ୍ରଚାର ଏବଂ ପ୍ରସାର
- **ପୁଷ୍ଟିଶସ୍ୟ ଏବଂ ଚିରସ୍ଥାୟୀ ବିକାଶ ଲକ୍ଷ୍ୟ(SDG):** ପୁଷ୍ଟିଶସ୍ୟର ପୁନରୁଦ୍ଧାର ପାଇଁ ଚିରସ୍ଥାୟୀ ଆର୍ଥିକ ବିନିଯୋଗର ବ୍ୟବସ୍ଥା ସୃଷ୍ଟି କରିବାର ରୁପରେଖ
- **ମିଲେଟ୍ସ ଏବଂ ସାମାଜିକ ସମାନତା:** ଓଡିଶା ମିଲେଟ୍ସ ମିଶନର କାର୍ଯ୍ୟଶୈଳୀ ସାମାଜିକ ସମାନତା ଏବଂ ପୁରୁଷ-ସ୍ତ୍ରୀ ଭେଦଭାବ ଶୂନ୍ୟ ଆଭିମୁଖ୍ୟ ନେଇ କାର୍ଯ୍ୟରତ
- **ପୁଷ୍ଟିଶସ୍ୟକୁ ମୁଖ୍ୟସ୍ରୋତକୁ ଆଣିବା :** ଗ୍ରାମୀଣ ଏବଂ ସହରାଞ୍ଚଳରେ ଖାଦ୍ୟ ମେଳା, ପଥପ୍ରାନ୍ତ ନାଟକ ଓ ପ୍ରଚାର ଅଭିଯାନ

www.milletsodisha.com



# ODISHA
## MILLETS MISSION
*Gender Equity, Climate Resilience, Nutrition Security*

**ଦୃଷ୍ଟିକୋଣ :** ବୃଷ୍ଟପୁଷ୍ଟ ଅଞ୍ଚଳରେ କୃଷକମାନଙ୍କ ଜୀବିକାରେ ଉନ୍ନତି

# ଉଦ୍ଦେଶ୍ୟ

- ଘରୋଇ ସ୍ତରରେ ପୁଷ୍ଟିଶସ୍ୟର ଖାଦ୍ୟରୁପେ ବ୍ୟବହାରକୁ ପ୍ରୋତ୍ସାହନ
- ଦେଶୀ କିସମର ବିହନ ସଂରକ୍ଷଣ ଏବଂ ପ୍ରୋତ୍ସାହନ
- ବିକେନ୍ଦ୍ରୀତ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ
- ପୁଷ୍ଟିଶସ୍ୟ ଫସଲର ଉତ୍ପାଦକତା ବୃଦ୍ଧି
- ମିଲେଟ ମୂଲ୍ୟବୃଦ୍ଧି ଉଦ୍ୟୋଗ ଗୁଡିକର ବିକାଶ
- କୃଷକ ଉତ୍ପାଦକ ସଂଘ ଗଠନ ଓ ବିକାଶ ଏବଂ ବଜାର ସୁବିଧା
- ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ପରିପୂରକ ପୋଷଣ କାର୍ଯ୍ୟକ୍ରମରେ ପୁଷ୍ଟିଶସ୍ୟର ଅନ୍ତର୍ଭୂକ୍ତିକରଣ



କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ଓଡିଶା ସରକାରଙ୍କର ଏକ ଅଭିନବ ପ୍ରୟାସ

WASSAN

**୮୨** ପଞ୍ଜୀକୃତ କୃଷକ ଉତ୍ପାଦକ ସଂଗଠନ ସହ ୩୦ ହଜାରରୁ ଅଧିକ କୃଷକ ସମ୍ମିଳିତ

- ୫୬ଟି ସଂଗଠନ ମାଣ୍ଡିଆ କ୍ରୟ ପାଇଁ ବ୍ଲକ ବିପଣନ ସଂସ୍ଥା ରୂପେ କାର୍ଯ୍ୟରତ
- ୪୮ ଗୋଟି ସଂଗଠନ ପୁଷ୍ଟିଶସ୍ୟ ବିହନ ଉତ୍ପାଦକ ରୂପେ କାର୍ଯ୍ୟରତ
- ୨୧ ଗୋଟି ସଂଗଠନ କ୍ଷୁଦ୍ର ଅଣମାଣ୍ଡିଆ ପୁଷ୍ଟିଶସ୍ୟ ବ୍ୟବସାୟ କରୁଛନ୍ତି
- ୧୦ ଗୋଟି ସଂଗଠନ APEDA ସହିତ ପଞ୍ଜୀକୃତ
- ୨୩ ଗୋଟି ସଂଗଠନ NCDEX ଇ-ମାର୍କେଟ(NeML) ସହିତ ପଞ୍ଜୀକୃତ


୨୫୦ ଗୋଟି କୃଷି ଯନ୍ତ୍ରପାତି ସହାୟକ କେନ୍ଦ୍ର ପ୍ରତିଷ୍ଠିତ


୨୩୦ ଗୋଟି ଗୋଷ୍ଠୀ ପରିଚାଳିତ ବିହନ କେନ୍ଦ୍ର ପ୍ରତିଷ୍ଠିତ ଏବଂ ପରିଚାଳିତ


୫୭୯ ପୁଷ୍ଟିଶସ୍ୟ ଅମଳ ଯନ୍ତ୍ର


୪୩୧ ପୁଷ୍ଟିଶସ୍ୟ ଚୂନାକାଳ,
୩୮ ଗୋଟି ପୁଷ୍ଟିଶସ୍ୟ ପରିଷ୍କାର,
ଗ୍ରେଡିଂ ଓ ଗୋଡି ବଛା ଯନ୍ତ୍ର
୧ ଟି କ୍ଷୁଦ୍ର ପୁଷ୍ଟିଶସ୍ୟ ପ୍ରକ୍ରିୟାକରଣ ଯନ୍ତ୍ର


୭୧ ଟି ଜୈବଖତ ପ୍ରସ୍ତୁତି ଏବଂ ବିକ୍ରୟ କେନ୍ଦ୍ର


୧୨୭ ଟି ଗ୍ରାମୀଣ ପୁଷ୍ଟିଶସ୍ୟ ଜଳଖିଆ କେନ୍ଦ୍ର


୨ ଟି ମିଲେଟ ଶକ୍ତି ଭୋଜନାଳୟ(ସହରାଞ୍ଚଳ)
୨ ଟି ବିକ୍ରୟ କେନ୍ଦ୍ର(ସହରାଞ୍ଚଳ)


୪ ଟି ମିଲେଟ ଶକ୍ତି ଭ୍ରାମ୍ୟମାଣ ବିକ୍ରୟ କେନ୍ଦ୍ର

# କାର୍ଯ୍ୟକ୍ରମର ପରିବ୍ୟାପ୍ତି

ଏହି ମିଶନ ବର୍ତ୍ତମାନ ଓଡିଶାର **୧୯** ଟି ଜିଲ୍ଲାର **୧୪୩** ଗୋଟି ବ୍ଲକରେ କାର୍ଯ୍ୟ କରୁଛି

ଆଗାମୀ ୨୦୨୩-୨୪ ବର୍ଷରେ ଏହି ମିଶନ ସମଗ୍ର ୩୦ଟି ଜିଲ୍ଲାର ୧୭୭ଟି ବ୍ଲକରେ କାର୍ଯ୍ୟକାରୀ ହେବ






## ୧୨୧୫

ମହିଳା ସ୍ୱୟଂ ସହାୟକ ଦଳ ବିଭିନ୍ନ ମିଲେଟ ଆଧାରିତ ବ୍ୟବସାୟରେ ଅନ୍ତର୍ଭୁକ୍ତ

- ୪୧୨ ଗୋଟି ମହିଳା ସ୍ୱୟଂ ସହାୟକ ଦଳ, ମିଲେଟ ଯୁକ୍ତ ଖାଦ୍ୟ ପ୍ରସ୍ତୁତ ଓ ପରିଚାଳନା କରିବାରେ ପ୍ରଶିକ୍ଷିତ
- ସମନ୍ୱିତ ଶିଶୁବିକାଶ ଯୋଜନାରେ ସୁନ୍ଦରଗଡ ଓ କେନ୍ଦୁଝର ଜିଲ୍ଲାର ୬୦ଟି ମାଣ୍ଡିଆ ମୂଲ୍ୟବୃଦ୍ଧି କେନ୍ଦ୍ର ପରିଚାଳିତ
- ୩ ଗୋଟି ସ୍ୱୟଂ ସହାୟକ ଦଳ/ମହାସଂଘ ବ୍ଲକବିପଣନ ସଂସ୍ଥା ରୂପେ ଖରିଫ ବଜାର ବର୍ଷ ୨୦୨୧-୨୨ ରେ ଅନ୍ତର୍ଭୁକ୍ତ



କେନ୍ଦୁଝର ଏବଂ ସୁନ୍ଦରଗଡ ଜିଲ୍ଲାରେ ୨୦୨୦ ବର୍ଷ ଠାରୁ ସମ୍ମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ୭୦୬୬ ଅଙ୍ଗନୱାଡି କେନ୍ଦ୍ରରେ ୧୪୮୬୬୮ ପ୍ରାକ୍ ବିଦ୍ୟାଳୟ ଶିଶୁମାନେ ସକାଳ ଜଳଖିଆ ରେ ମାଣ୍ଡିଆ ଲଡୁ ଖାଉଛନ୍ତି ।

**୧୪୮୬୬୮** ପ୍ରାକ୍ ବିଦ୍ୟାଳୟର ଶିଶୁ

**୭୦୬୬** ଅଙ୍ଗନୱାଡି କେନ୍ଦ୍ର

# ମିଡ-ଟର୍ମ ଇଭାଲୁଏସନର ସାରାଂଶ

(ବେସ ଲାଇନ ବର୍ଷ-୨୦୧୬-୧୭ ଏବଂ ମିଡ-ଟର୍ମ ଇଭାଲୁଏସନ ବର୍ଷ-୨୦୧୯-୨୦)

## ଉତ୍ପାଦନ

- ପୁଷ୍ଟିଶସ୍ୟ ଉତ୍ପାଦନରେ ଅନ୍ତର୍ଭୁକ୍ତ ଚାଷୀ – ୮୧.୫% ରୁ ୯୬.୯% କୁ ବୃଦ୍ଧି
- ହେକ୍ଟର ପିଛା ଅମଳ କୁଇଣ୍ଟାଲରେ – ୬.୪ କୁଇଣ୍ଟାଲ ରୁ ୧୪.୯ କୁଇଣ୍ଟାଲକୁ ବୃଦ୍ଧି

## ପ୍ରକ୍ରିୟାକରଣ

- ପୁଷ୍ଟିଶସ୍ୟ ପ୍ରକ୍ରିୟାକରଣ ପାଇଁ ଯନ୍ତ୍ର ବ୍ୟବହାର କରୁଥିବା ପରିବାର ୭୧.୧%

## ଖାଦ୍ୟରୁପେ ବ୍ୟବହାର

- ପୁଷ୍ଟିଶସ୍ୟକୁ ପରିବାରରେ ଖାଦ୍ୟ ରୂପେ ବ୍ୟବହାର କରିବାରେ ୬୪.୩% ରୁ ୯୮.୫%କୁ ବୃଦ୍ଧି

## ବଜାରୀକରଣ

- ପ୍ରତି ଚାଷୀ ପିଛା ପୁଷ୍ଟିଶସ୍ୟ ବିକ୍ରିଯୋଗ୍ୟ ମାଣ୍ଡିଆର ପରିମାଣ: ୩.୫ କୁଇଣ୍ଟାଲ ରୁ ୪.୭ କୁଇଣ୍ଟାଲକୁ ବୃଦ୍ଧି

# ଉନ୍ନତ ପ୍ରଣାଳୀରେ ପୁଷ୍ଟିଶସ୍ୟ ଚାଷ ପ୍ରଦର୍ଶନର ବାର୍ଷିକ ବିବରଣୀ

